# Akashvani, Sambalpur

## SAMBALPURI NEWS BULLETIN

### 24 December 2025 – 6.47- 6.52 am.

********************************************

ମୁଖ୍ୟମନ୍ତ୍ରୀ-ସ୍ୱାସ୍ଥ୍ୟ ବିଭାଗ ସମୀକ୍ଷା I&PR

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଲାକାଏଲ୍ ଭୁବନେଶ୍ୱର ଲୋକ ସେବା ଭବନ୍ ନ ସ୍ୱାସ୍ଥ୍ୟ ବିଭାଗର କାମ୍‌କାଜ୍‌ର ସମୀକ୍ଷା କରିଛନ୍ । ବୈଠକ୍‌ଥି କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ପୁନର୍ବିକାଶ କାମ୍ ବାବ୍‌ଦେ ଆଲୋଚନା କରାଯାଇଥିଲା । କଟକ ମେଡିକାଲ କଲେଜ୍‌କେ ବିଶ୍ୱସ୍ତରୀୟ ଢାଂଚାଥି ବିକାଶିତ୍ କର୍‌ବାର ଲାଗି ଆବଶ୍ୟକ ଭିତିଭୂମି ନିର୍ମାଣ କରାଯିବା । ଡାକ୍ତରଖାନା ପରିସର ନ ୫ ଏକଡ଼ ଜାଗାଥି ୧୭ ମହଲାର୍ ଗୁଟେ ପାର୍କିଂ ବ୍ୟବସ୍ଥା କରାଯିବା । କଟକ ମେଡିକାଲ ଆଉ ଆଚାର୍ଯ୍ୟ ହରିହର ମେଡିକାଲ କଲେଜକେ ଆସୁଥିବା ଲୁକେ ଇତାର୍ ବେଭାର୍ କରିପାର୍‌ବେ । ମେଡିକାଲ କଲେଜ୍ ପରିସର ନ ରୋଗୀଙ୍କ ସମ୍ପର୍କୀୟମାନ୍‌କର ଲାଗି ବିଶ୍ରମ ଘର ତିଆର୍ କରାଯିବା । ମେଡିକାଲ୍ ପାଖେ ୧୩ଟା ହାଉସିଂ ଟାୱାର୍ ତିଆର୍ ଚାଲିଛେ । ପାଣିକୋଇଲି ଟ୍ରମା କେୟାରେ୍ କେନ୍ଦ୍ରକେ ଖୋବ୍ ଜଲ୍‌ଦି କାର୍ଯ୍ୟକାରୀ କରାଯିବା ବଲି ବୈଠକ୍‌ଥି ନିଷ୍ପତି ନିଆଯାଇଛେ । ବୈଠକ୍‌ଥି ସ୍ୱାସ୍ଥ୍ୟମନ୍ତ୍ରୀ

ଡକ୍ଟର ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଉ ସ୍ୱାସ୍ଥ୍ୟ ବିଭାଗର୍ ସଚିବମାନେ ଉପସ୍ଥିତ ଥିଲେ ।

ଧନୁଯାତ୍ରା ବରଗଡ଼ ସମ୍ବାଦଦାତା

ପୁର୍ଥିର୍ ସବୁନୁ ବଡ଼ ମୁକ୍ତାକାଶ୍ ରଙ୍ଗମଂଚ ନାଟକ୍ ଭାବେ ପରିଚିତ ବର୍ଗଡ଼୍ର ଧନୁଯାତ୍ରା ମହୋତ୍ସବ୍ ଆଏଜ୍ଠାନୁ ମୁଲ୍ ହେଉଛେ । ଧନୁଯାତ୍ରା ଆଏବା ୧୧ ଦିନ୍ତକ୍ ଚାଲ୍ବା ଆଉ ମଥୁରା ନଗରୀ ନ ସାଜିଥିବା ବରଗଡ଼ ସହର୍ ନ ମହାରାଜ କଂସଙ୍କର୍ ରାଜୁତି ଚାଲ୍ବା । ଇଥିର୍ଲାଗି ଧନୁଯାତ୍ରା ମହୋତ୍ସବ୍ କମିଟି ତର୍ଫୁ ସବୁ ତୟାରି ଶେଷ୍ ଖେପ୍ଥି ପୁହୁଁଚିଛେ । ବର୍ଗଡ଼୍ ହାଟ୍ପଦା ନ ମହାରାଜ୍ କଂସଙ୍କର୍ ରାଜ୍ଦରବାର୍ ତିଆର୍ କରାଯାଇଥିଲା ବେଲେ ନିଶାମଣି ହାଇସ୍କୁଲ୍ ପଡ଼ିଆ ନ ରଙ୍ଗମହଲ୍ କରାଯାଇଛେ । ଇ ବଛର୍ ଧନୁଯାତ୍ରା ମହୋତ୍ସବ୍ ୟୁଟ୍ୟୁବ୍ ଚେନାଲ୍ଥି ସିଧାପ୍ରସାରଣ୍ କରାଯିବା । ଯେନ୍ଟାକି ଦେଶ୍ ଆଉ ଦେଶ୍ବାହାରେ ରହୁଥିବା କଲାକାର୍ମାନେ ସିଧାପ୍ରସାରଣ୍ ଦେଖିପାର୍ବେ ।

ଧାନ୍ ଘିନା ସମୀକ୍ଷା I&PR

୨୦୨୫-୨୬ ଖରିଫ୍ ଧାନ୍ ଘିନାକେ ନେଇକରି ଗଲାକାଏଲ୍ ଭୁବନେଶ୍ୱର ନ ଆନ୍ତଃମନ୍ତ୍ରୀସ୍ତରୀୟ କମିଟିର୍ ବୈଠକ୍ ହେଇଯାଇଛେ । ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଚାଷୀମାନ୍‌କୁ ଧାନ୍ ଘିନା ପ୍ରକ୍ରିୟାଥି ସହଯୋଗ୍ କର୍‌ବାର୍ ଆଉ ସେମାନ୍‌କର ସମସ୍ୟାର୍ ତୁର୍‌ତି ସମାଧାନ ଲାଗି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଅଧିକାରୀମାନଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ରାଜ୍ୟର୍ ୧୧ଟା ଜିଲ୍ଲା ନ ମଣ୍ଡିମାନ୍‌କେ ଧାନ୍‌ଘିନା ପ୍ରକ୍ରିୟା ସୁରୁଖୁରୁଥି ଚାଲିଛେ ଆଉ ଏବ୍‌ତକ୍ ରାଏଜେ ୪ ଲାଖ୍ ୩୯ ହଜାର ୨ ଶହ ୯୪ ମେଟ୍ରିକ୍‌ଟନ୍ ଧାନ୍ ଘିନା ସର୍‌ଲାନ । ବରଗଡ଼ ଜିଲ୍ଲା ନ ସବୁନୁ ଜହ ୩୬ ହଜାର ୩ ଶହ ୫୬ ଝନ୍ ଚାଷୀ ୧ ଲାଖ୍ ୬୩ ହଜାର ୨ ଶହ ୮୮ ମେଟ୍ରିକ୍‌ଟନ୍ ଧାନ୍ ବିକିଛନ୍ । ଇହାଦେତକ୍ ରାଏଜେ ୯ ଲାଖ୍ ୪୧ ହଜାର ୪ ଶହ ୩୩ ଝନ୍ ଚାଷୀଙ୍କୁ ଟୋକନ୍ ଦିଆଯାଇଛେ ବଲି ବୈଠକ୍ ନ ସୂଚ୍‌ନା ମିଲିଛେ ।

ଅଙ୍ଗନୱାଡ଼ି କେନ୍ଦ୍ର I&PR

ମହିଳା ଆଉ ଶିଶୁ ବିକାଶ ବିଭାଗ୍ ତର୍‌ଫୁ ଆଏଜ୍ ରାଏଜେ ୪ ଶହ ୯୧ଟା ଅଙ୍ଗନୱାଡ଼ି କେନ୍ଦ୍ରର୍ ଶୁଭାରମ୍ଭ କରାଯିବା । ବିଭାଗର ଭୁବନେଶ୍ୱର କାର୍ଯ୍ୟାଲୟ ନୁ ଆଭାସୀ ଜରିଏ ଉପମୁଖ୍ୟମନ୍ତ୍ରୀ ଆଉ

ବିଭାଗର ମନ୍ତ୍ରୀ ପ୍ରଭାତି ପରିଡ଼ା ଇତାର୍ ଶୁଭାରମ୍ଭ କର୍‌ବେ । କାର୍ଯ୍ୟକ୍ରମ୍‌ଥି ପଂଚାୟତି ରାଜ୍ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଓଡ଼ିଶାର ପାରମ୍ପରିକ୍ ଧାତୁ I&PR

ଭୁବନେଶ୍ୱର ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ନ ଗଲାକାଏଲ୍ ଓଡ଼ିଶାର୍ ପାରମ୍ପରିକ୍ ଧାତୁ ଶିଳ୍ପର୍ ପୁନରୁତ୍‌ଥାନ୍ ଲାଗି ଗୁଟେ କର୍ମଶାଳା ଆଉ ପ୍ରଶିକ୍ଷଣ ଶିବିର ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ହସ୍ତଶିଳ୍ପ ଆଉ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗ୍ ଦେଇକରି ପ୍ରଯୁକ୍ତି ବିଦ୍ୟା ବେଭାର୍ କରି କରି ଉଁଚା ଦର୍ଜାର୍ କଂସା, ପିତଳ ଆଉ ଡୋକ୍ରା ହସ୍ତଶିଳ୍ପର୍ ଉତ୍ପାଦନ୍ କରି କରି ବିକ୍ରି କରାଯାଇ ପାର୍‌ବା ବଲି କହିଛନ୍ । ଇତାର୍ ଜରିଏ ଇ ଶିଳ୍ପଥି କାମ୍ କରୁଥିବା କାରିଗର ମାନ୍‌କର ଆର୍ଥିକ ଅଭିବୃଦ୍ଧି ହେଇପାର୍‌ବା ବଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ ।

ତଟବର୍ତୀ ସମନ୍ୱୟ ସମିତି ବୈଠକ୍ I&PR

ରାଜ୍ୟ ପୁଲିସ ମୁଖ୍ୟାଳୟ ନ ୪ ନମ୍ବର ତଟବର୍ତୀ ସମନ୍ୱୟ ସମିତି ବାବଦ୍ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ଗଲାକାଏଲ୍ ହେଇଯାଇଛେ । ରାଜ୍ୟ

ଆରକ୍ଷୀ ମହାନିର୍ଦ୍ଦେଶକ୍ କ୍ରାଇମବ୍ରାଂଚ ବିନୟତୋଷ ମିଶ୍ରଙ୍କର ଅଧ୍ୟକ୍ଷତାଥି ହେଇଥିବା ଇ କାର୍ଯ୍ୟକ୍ରମଥି ସୁରକ୍ଷା ବାବଦ୍ ଭିନ୍ ଭିନ୍ ପ୍ରସଙ୍ଗଥି ଆଲୋଚନା ହେଇଥିଲା । ବୈଠକ୍ଥି ଓଡ଼ିଶା ପୁଲିସ ଆଉ ତେଲ୍ କମ୍ପାନିମାନ୍କର ଭିତ୍ରେ ଜରୁରୀ ସହଯୋଗ୍ ଆଉ ତାଲ୍ମେଲ୍ ବାବ୍ଦେ ଭିଲ୍ ଆଲୋଚନା କରାଯାଇଥିଲା ।

ଯୁବ ମହୋତ୍ସବ I&PR

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ନ ଆଏଜ୍ଠାନୁ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ସମାରୋହ ମୁଲ୍ ହେବା । ଇ ଥର ରାଜ୍ୟ କ୍ରୀଡ଼ା ଆଉ ଯୁବ ବ୍ୟାପର ବିଭାଗ୍ ତର୍ଫୁ ପ୍ରଗତିର୍ ସାରଥୀ, ଆମ ଯୁବ ଶକ୍ତି ବାର୍ତା ନେଇକରି ଇ ମହୋତ୍ସବ୍ର ଆୟୋଜନ୍ କରାଯାଉଛେ । ମହୋତ୍ସବ ୩ ଦିନ୍ ତକ୍ ଚାଲ୍ବା ।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର I&PR

୨୦୨୫-୨୬ ଶିକ୍ଷା ବଛର୍ ଲାଗି ଭିନ୍ ଭିନ୍ ବର୍ଗଥି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଗି ଆଏଜ୍ଠାନୁ ଆବେଦନ ପ୍ରକ୍ରିୟା ମୁଲ୍ ହଉଛେ । ଇଟା ଆଏବା ଜାନୁୟାରୀ ୧୦ ତାରିଖ୍ ତକ୍ ଚାଲ୍ବା । ସବୁ ପୁରସ୍କାର ଲାଗି

www.MSP.Odisha.gov.in ଥି ଆବେଦନ କରାଯାଇ ପାର୍‌ବା ବଲି ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଇସ୍ରୋ ଉପଗ୍ରହ ଉଦ୍‌କ୍ଷେପଣ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ-ଇସ୍ରୋ ତର୍‌ଫୁ ଆଏଜ୍ ଯୋଗାଯୋଗ ଭିତିକ ଉପଗ୍ରହ 'ବ୍ଲୁବାର୍ଡ- ବ୍ଲକ୍-ଟୁ'ର ଉଦ୍‌କ୍ଷେପଣ କରାଯିବା । ସଖାଲର୍ ୮ ବାଜିକରି ୫୪ ମିନିଟ୍‌ଥି ଇତାର୍ ଉତ୍‌କ୍ଷେପଣ କରାଯିବା । ଆମେରିକାର୍ ଏ.ଏସ୍.ଟି ସ୍ପେସ୍-ମୋବାଇଲ୍ ଉପଗ୍ରହକେ ପୁର୍‌ଥିର୍ ନିମ୍ନ କକ୍ଷପଥ ନ LVM3-M6 ଜରିଏ ଇତାର୍ ଉତ୍‌କ୍ଷେପଣ କରାଯିବା । ଇଟା ପୁର୍‌ଥିର୍ ସବୁନୁ ବଡ଼ ବାଣିଜ୍ୟିକ୍ ଉପଗ୍ରହ ହେବା ।

ମହାନଦୀ ଉତ୍ସବ        ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ଭବନ୍ ନ ଗଲାକାଏଲ୍ ମହାନଦୀ ଉତ୍ସବ-୨୦୨୫ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁ ଆଉ ଅଲ୍‌ଗା ଅତିଥି ମାନେ ଯୋଗ୍ ଦେଇକରି ସୁବର୍ଣ୍ଣପୁର ଜିଲ୍ଲା

ସାହିତ୍ୟ, ସଂସ୍କୃତି ଆଉ ସଭ୍ୟତାକେ ସଂସ୍କାରିତ୍ କର୍‌ବାର୍ ସହେତେ ଓଡ଼ିଆ ଅସ୍ମିତାକେ ବର୍‌କସ୍ କରିଛେ ବଲି କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ହପ୍ତେତକ୍ ରାତିର୍ ତାପମାତ୍ରା ନାଇଁ ବଦ୍‌ଲେ । ଆଏବା ୨୪ ଘଂଟା ଭିତ୍‌ରେ ଘନାକୁହୁଡ଼ି ହେବାର୍ ନେଇକରି ସୁବର୍ଣ୍ଣପୁର, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍ ଆଉ କନ୍ଧମାଲ୍ ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।